# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 22 August – 2026

*************************************

## ମୁଖ୍ୟ ସମ୍ବାଦ

- ପରିମଳ କାର୍ଯ୍ୟରେ ଶୂନ୍ୟ ମୃତାହତ ସରକାରଙ୍କ ଲକ୍ଷ୍ୟ; ଗରିମା କର୍ମଶାଳାରେ ଯୋଗଦେଇ କହିଲେ ମୁଖ୍ୟମନ୍ତ୍ରୀ
- ଖରିଫ ଋତୁରେ ଧାନ ବିକ୍ରି ପାଇଁ ବର୍ତ୍ତମାନ ସୁଦ୍ଧା ୭ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କ ପଞ୍ଜୀକରଣ
- ବନ୍ୟା ପରବର୍ତ୍ତୀ ସ୍ଥିତିର ମୁକାବିଲା ନେଇ ପ୍ରଭାବିତ ଅଞ୍ଚଳରେ ବରିଷ୍ଠ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ନିୟୋଜିତ କଲେ ସରକାର
- ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ସମ୍ଭାବନା

ଏବଂ

- ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜି ଅନୁଷ୍ଠିତ ହେଉଛି ବିଶ୍ୱ ଆଥଲେଟିକ୍ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍

# ଗରିମା କର୍ମଶାଳା

ସଫେଇ କର୍ମଚାରୀଙ୍କ ସୁରକ୍ଷା, ସମ୍ମାନ ଓ ମାନବିକ ମର୍ଯ୍ୟାଦା ସୁନିଶ୍ଚିତ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଗରିମା ଦ୍ୱିତୀୟ ଜାତୀୟ କର୍ମଶାଳାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ପରିମଳ କାର୍ଯ୍ୟରେ ଶୂନ୍ୟ ମୃତାହତ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ସ୍ୱଚ୍ଛ ଭାରତର ପ୍ରକୃତ ଅର୍ଥ ହେଉଛି 'ସଫେଇ କାର୍ଯ୍ୟରେ ନିୟୋଜିତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସମ୍ମାନ ଦେବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଗୃହ ନିର୍ମାଣ ଓ ନଗର ଉନ୍ନୟ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି, ସହରକୁ ସ୍ୱଚ୍ଛ ଓ ସୁସ୍ଥ ରଖିବାରେ ପରିମଳ କର୍ମଚାରୀଙ୍କ ଅବଦାନ ଅତୁଳନୀୟ। ସେମାନେ ସହରର ଜଣେ ଜଣେ ନୀରବ ସୈନିକ। ୩୪ଟି ଗରିମା ଗୃହ ମାଧ୍ୟମରେ ୮୯୬ ଜଣଙ୍କୁ ସ୍ୱରେଜ ଏଣ୍ଟ୍ରି ପ୍ରଫେସନାଲ ଭାବେ ପ୍ରମାଣିତ କରାଯାଇଛି। ପରିମଳ କାର୍ଯ୍ୟରେ ବିପଦକୁ ସ୍ୱୀକାର ନ କରି ବିପଦକୁ ଶୂନ୍ୟ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଯୋଗଦେଇ କହିଛନ୍ତି, ସ୍ୱଚ୍ଛ ସହର ଗଠନ ସହ ଓଡ଼ିଶାକୁ ଆଗେଇ ନେବାରେ ସ୍ୱେଚ୍ଛାସେବୀଙ୍କ

ଭୂମିକା ଅତ୍ୟନ୍ତ ପ୍ରଶଂସନୀୟ। ଆଗାମୀ ଦିନରେ ଗରିମା ସ୍ୱେଚ୍ଛାସେବୀଙ୍କୁ ଗ୍ରାମାଞ୍ଚଳରେ ନିୟୋଜିତ କରାଯିବ। ୨୦୪୭ ବିକାଶିତ ଭାରତ ଏବଂ ୨୦୩୬ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ପୂରଣ ଦିଗରେ ସମସ୍ତଙ୍କ ମିଳିତ ସହଯୋଗ ଆବଶ୍ୟକ ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି। 'ମିଶନ ଜିରୋ' ଶୀର୍ଷକ ଏହି ଜାତୀୟ କର୍ମଶାଳାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅଧିକାରୀମାନେ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରୁଛନ୍ତି। ଏହି ଅବସରରେ ଆୟୋଜିତ ଗରିମା ପ୍ରଦର୍ଶନୀକୁ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ।

Desk

## ଖରିଫ ଋତୁ ପଞ୍ଜୀକରଣ

ଆଗାମୀ ଖରିଫ ଋତୁରେ ଧାନ ବିକ୍ରୟ ପାଇଁ ବର୍ତ୍ତମାନ ସୁଦ୍ଧା ୭ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣ କରିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି। ନାମ ପଞ୍ଜୀକରଣ ପ୍ରକ୍ରିୟାକୁ ସରଳ କରାଯାଇଥିବାରୁ ଚାଷୀମାନେ ସରଳ ଓ ସହଜ ଭାବରେ ନିଜ ନାମ ଦାଖଲ କରିପାରୁଛନ୍ତି। ଗତକାଲି  ଗୋଟିଏ ଦିନରେ ୧ ଲକ୍ଷ ୨୦ ହଜାର ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଆବଶ୍ୟକ ଦସ୍ତାବିଜ ନେଇ ନିଜସ୍ୱ ପାକ୍ସ ଓ ଲାମ୍ପ୍ସରେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଚାଷୀମାନଙ୍କୁ ନିଜ ନାମ ପଞ୍ଜୀକରଣ କରିବାକୁ ମନ୍ତ୍ରୀ ଉପଦେଶ ଦେଇଛନ୍ତି।

Desk

## ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟବସ୍ଥା

ବନ୍ୟା ପରବର୍ତ୍ତୀ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହିତ ପ୍ରଭାବିତ ଅଞ୍ଚଳରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସ୍ଥିତିର ନିରନ୍ତର ତଦାରଖ ଓ ଆବଶ୍ୟକ ସହାୟତା ସୁନିଶ୍ଚିତ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀଙ୍କୁ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ନିୟୋଜିତ କରାଯାଇଛି। ଅଧିକାରୀମାନେ ପ୍ରଭାବିତ ଅଞ୍ଚଳରେ ପହଁଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି, ଦୀର୍ଘସ୍ଥାୟୀ ବନ୍ୟା ପରେ ପ୍ରଭାବିତ ଅଞ୍ଚଳରେ ଯେପରି କୌଣସି ପ୍ରକାର ମହାମାରୀ କିମ୍ବା ରୋଗ ସୃଷ୍ଟି ନ ହୋଇ ସେଥିପ୍ରତି ସ୍ୱାସ୍ଥ୍ୟ ବିଭାଗ ସଚେତନ ରହିବା ସହ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ବନ୍ୟା ଜଳ କମିବା ପରେ ରାସ୍ତାଘାଟ ଓ ସର୍ବସାଧାରଣ ସ୍ଥାନଗୁଡ଼ିକରେ ବ୍ୟାପକ ସଫେଇ କାର୍ଯ୍ୟ ସହ ଜୀବାଣୁ ମୁକ୍ତ କରିବା ନିମନ୍ତେ ପଦକ୍ଷେପ ନିଆଯିବ। ପାନୀୟ ଜଳର ଉତ୍ସଗୁଡ଼ିକର ସ୍ୱଚ୍ଛତା ଓ ବିଶୋଧନ କରାଯିବ। ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀମତୀ ଗର୍ଗ କହିଛନ୍ତି।

Bhadrak/Kendrapada

## ରିଲିଫ ବଣ୍ଟନ

ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ନାୟକାଣୀ ସରକାରୀ ଉଚ୍ଚବିଦ୍ୟାଳୟଠାରେ ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ଆୟୋଜିତ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିରରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଛନ୍ତି। ଜିଲ୍ଲାର ବନ୍ୟା ସ୍ଥିତିର ସମୀକ୍ଷା କରିବା ସହ ଜିଲ୍ଲାରେ ୧୮ଟି ସ୍ୱାସ୍ଥ୍ୟ ବିଭାଗର ବିଶେଷଜ୍ଞ

ଓ ଡାକ୍ତରଙ୍କୁ ନିୟୋଜିତ କରିଛନ୍ତି । ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଜିଲ୍ଲା ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । **- V/O -**

କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନଦୀରେ ବନ୍ୟପ୍ରାଣୀ ଧୀରେ ଧୀରେ ହ୍ରାସ ପାଉଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ରିଲିଫ ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଜିଲ୍ଲାପାଳଙ୍କ ସମେତ ବିଭିନ୍ନ ସରକାରୀ ଅଧିକାରୀ ବିଭିନ୍ନ ସ୍ଥାନରେ ମୁତୟନ ହୋଇ ଜିଲ୍ଲାର ବନ୍ୟାସ୍ଥିତି ଉପରେ ନଜର ରଖିଛନ୍ତି । ବର୍ତ୍ତମାନ ସୁଦ୍ଧା ପଟ୍ଟାମୁଣ୍ଡା, ଆଳି, ରାଜକନିକା, ରାଜନଗର ଏବଂ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଅନେକ ଗ୍ରାମ ପାଣି ଘେରରେ ଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

Desk

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର ପଶ୍ଚିମ ବଙ୍ଗୋପସାଗର, ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହା ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଓ ଘଡଘଡି ସହ ବର୍ଷା ହେବା ନେଇ ୨୧ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

Desk

## ଜାତୀୟ ଶିକ୍ଷକ ପୁରସ୍କାର

ନୂଆଦିଲ୍ଲୀ ବିଜ୍ଞାନ ଭବନରେ ଆସନ୍ତା ମାସ ୫ ତାରିଖ ଗୁରୁ ଦିବସ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜାତୀୟ ଶିକ୍ଷକ ପୁରସ୍କାର-୨୦୨୬ ପ୍ରଦାନ କରିବେ। ଜଗତସିଂହପୁର ଜିଲ୍ଲା ଆଳିପିଙ୍ଗଳ ସରକାରୀ ଉଚ୍ଚବିଦ୍ୟାଳୟର ଶିକ୍ଷକ ପଦରାଜ ଉମାକାନ୍ତ ନାୟକ ଏଥିପାଇଁ ଓଡ଼ିଶାରୁ ମନୋନୀତ ହୋଇଛନ୍ତି। ସ୍କୁଲ ଶିକ୍ଷା ଏବଂ ସାକ୍ଷରତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଛି। କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ, ନବୋଦୟ ବିଦ୍ୟାଳୟ ସମିତି, ସୈନିକ ସ୍କୁଲ, ଆଦର୍ଶ ଜନଜାତି ସ୍କୁଲ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ସ୍କୁଲ ଭଳି ଅନୁଷ୍ଠାନର ୪୮ ଜଣ ଶିକ୍ଷକ ଚଳିତ ବର୍ଷ ଏହି ସମ୍ମାନରେ ସମ୍ମାନିତ ହେବେ।

Engslish Pool

## ଗଭ୍-ଏଫ୍‌ବିସି

ଚାରି ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ କେତେକ ସ୍ୱତନ୍ତ୍ର ଡୋଜ୍ ମିଶ୍ରିତ ଔଷଧ ଉତ୍ପାଦନ, ବିକ୍ରୟ ଏବଂ ଯୋଗାଣ ଉପରେ ସରକାର କଟକଣା ଜାରି କରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ କ୍ଲୋରାଫେନିରାମାଇନ ମାଲିଏଟ ଏବଂ ଫେନାଇଲେଫ୍ରିନ ହାଇଡ୍ରୋ କ୍ଲୋରାଇଡ ମିଶ୍ରଣଯୁକ୍ତ ଔଷଧ ଏଥିରେ ଅନ୍ତର୍ଭୁକ୍ତ । ପିଲାଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା

ମନ୍ତ୍ରଣାଳୟ ସ୍ପଷ୍ଟ କରିଛି । ଏପରିକି ଔଷଧ ପ୍ରସ୍ତୁତକର୍ତ୍ତାଙ୍କୁ ପ୍ୟାକେଟ୍ ଉପରେ 'ନିର୍ଦ୍ଦିଷ୍ଟ ଡୋଜ୍ ମିଶ୍ରଣ' ୪ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ବ୍ୟବହାର କରାଯିବ ନାହିଁ ବୋଲି ପ୍ରଚାରମୂଳକ ସୂଚନା ଦେବାକୁ କୁହାଯାଇଛି । ଗତ ଜୁନ୍ ମାସରେ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ୧୬ଟି ନିର୍ଦ୍ଦିଷ୍ଟ ଡୋଜ୍ ମିଶ୍ରତ ଔଷଧର ପ୍ରସ୍ତୁତି, ବିକ୍ରୟ ଏବଂ ଯୋଗାଣ ଉପରେ ନିଷେଧାଦେଶ ଜାରି କରାଯାଇଥିଲା । ବିଷେଶଜ୍ଞ କମିଟି ଏବଂ ଔଷଧ ବୈଷୟିକ ପରାମର୍ଶଦାତା ବୋର୍ଡର ସୁପାରିଶ ଆଧାରରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନ୍ତ୍ରଣାଳୟ କହିଛି ।

Nabarangpur

## ଚାଷୀ ପଞ୍ଜୀକରଣ

ନବରଙ୍ଗପୁର ଜିଲ୍ଲାରେ ଆସନ୍ତା ଖରିଫ ଋତୁରେ ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଜିଲ୍ଲାର ୧୩ଟି ଲାମ୍ପ୍ସରେ ଜିଲ୍ଲା ଯୋଗାଣ ବିଭାଗ ଓ ଡି.ଆର୍.ସି.ଏସ୍.ଙ୍କ ତତ୍ତ୍ୱାବଧାନରେ ଏହି ପ୍ରକ୍ରିୟା ଜାରି ରହିଛି । ବର୍ତ୍ତମାନ ଜିଲ୍ଲାରେ ୧୦ ହଜାର ୩୯୪ ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି ।

Puri

## ଶ୍ରୀମନ୍ଦିର ଗଣତି ମଣତି

ଶ୍ରୀମନ୍ଦିରରେ ବିଭିନ୍ନ ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ଆସନ୍ତା ଅଗଷ୍ଟ ୩୧ ଓ ସେପ୍ଟେମ୍ବର ୧ ତାରିଖରେ ରତ୍ନଭଣ୍ଡାର ଗଣତି ମଣତି ହେବା ନେଇ ନିଷ୍ପତ୍ତି ନିଆଯାଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ

ବ୍ୟବସ୍ଥାବଳୀ ଅନୁଯାୟୀ, ଏହି ଗଣତି ମଣତି ହେବା ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ି ସୂଚନା ଦେଇଛନ୍ତି।

Nabarangpur

## ରାଷ୍ଟ୍ରୀୟ ଲୋକ ଅଦାଲତ

ନବରଙ୍ଗପୁର ଜିଲ୍ଲାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ସଦର, କୋଡ଼ିଙ୍ଗା, ଉମରକୋଟ, ରାଇଗର, ଚନ୍ଦହାଣ୍ଡି ଓ ଝରିଗାଁଠାରେ ଥିବା ବିଚାରାଳୟଗୁଡ଼ିକରେ ଲୋକ ଅଦାଲତ ଅନୁଷ୍ଠିତ ହେବ।

Boudh

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୌତୁକ ନିରୋଧ ଆଇନ–୧୯୬୧ ସମ୍ପର୍କିତ ଦିନିକିଆ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୌତୁକ ନିରୋଧ ଆଇନର ବିଭିନ୍ନ ଦିଗ, ଆଇନଗତ ପ୍ରାବଧାନ, ଦଣ୍ଡବିଧାନ ଏବଂ ସମାଜର ଏହାର ସଠିକ ପ୍ରୟୋଗ ସମ୍ପର୍କରେ ଆଲୋଚନା କରାଯାଇଛି।

Desk

## ସିଲଭର ମିଟ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜି ବିଶ୍ୱ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ମିଟ୍ ଅନୁଷ୍ଠିତ ହେଉଛି । ପ୍ରତିଯୋଗିତାରେ ୨୭ଟି ଦେଶର ୧୮୭ ଜଣ ଆଥଲେଟ୍ ଭାଗ ନେଉଛନ୍ତି। ଏଥିରେ ୧୨ଟି ଏସୀୟ ଦେଶର ୧୪୩ ଜଣ ଶ୍ରେଷ୍ଠ ଖେଳାଳି ସାମିଲ ଥିବା ଜଣାପଡିଛି। ମୁଖ୍ୟ ଅନ୍ତର୍ଜାତୀୟ ଦଳଗୁଡ଼ିକ ମଧ୍ୟରେ ଶ୍ରୀଲଙ୍କାର ୨୪, ଦକ୍ଷିଣ ଆଫ୍ରିକାର ୧୭ ଏବଂ ବ୍ରାଜିଲର ୧୧ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି। ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡାବିତ୍ ଅନିମେଷ କୁଜୁର୍, ସ୍ୱାଧୀନ କୁମାର ମାଝୀ, କିଶୋର ଜେନା, ବାପି ହାଂସଦା, ଶ୍ରାବଣୀ ନନ୍ଦ ଏବଂ ପ୍ରଜ୍ଞା ପ୍ରଶାନ୍ତି ସାହୁ ଖେଳିବେ। ଗତବର୍ଷର ସଫଳ ବ୍ରୋଞ୍ଜସ୍ତରୀୟ ପ୍ରତିଯୋଗିତା ପରେ ସିଲଭର ସ୍ତରୀୟ ଆୟୋଜନ କରାଯାଉଛି।

ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ ଓ ମହିଳାଙ୍କ ପାଇଁ ସମାନ ଭାବେ ୧୮ଟି ଇଭେଣ୍ଟ ରହିଛି। ୨୦୨୮ ମସିହାରେ କଳିଙ୍ଗ ଷ୍ଟାଡିୟମ୍‌ରେ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିଅନ୍‌ସିପ୍ ଓ ଏସୀୟ ଇନ୍‌ଡୋର ଆଇଲେଟିକ୍ସ ଚାମ୍ପିଅନ୍‌ସିପ୍ ପାଇଁ ଏହା ଏକ ବଡ଼ ପ୍ରସ୍ତୁତି ପଦକ୍ଷେପ।

Desk

# ବାତାୟନ ଅନୁମୋଦନ ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ  ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ ବୈଠକରେ ଦୁଇହଜାର ୭୮୦କୋଟି ୧୦ଲକ୍ଷ ଟଙ୍କାର ୧୪ଟି ଶିଳ୍ପ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି । ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକ୍ଷମ ହେଲେ ରାଜ୍ୟରେ ୧୪ହଜାର ୧୦୪ଟି ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏଥିରେ ଖାଦ୍ୟ ପ୍ରକ୍ରିୟାକରଣ, ବୟନ ଓ ପୋଷାକ, ରସାୟନିକ ଉତ୍ପାଦ, ଚିକିତ୍ସା ଉପକରଣ, ଇସ୍ପାତ ଓ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରୁ  ଆସିଥିବା ପ୍ରସ୍ତାବଗୁଡିକ ଅନୁମୋଦନ ଲାଭ କରିଛି ।